R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୯
ତିଥି : ତ୍ରୟୋଦଶୀ
୨୩ ମାର୍ଚ୍ଚ ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 169
23 March 2024, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ମେଣ୍ଟ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ





ସୋସିଆଲ ମିଡିଆରେ ବିଜେଡି ଏକାକୀ ଲଢିବ ବୋଲି ସୂଚନା

## ପରସ୍ପର ବିରୋଧରେ ସବୁ ଆସନରେ ଲଢ଼ିବେ ବିଜେଡି–ବିଜେପି

ଭୁବନେଶ୍ୱର, ୨୨।୩ (ସବ୍ୟୁ) : ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନରେ ଓଡ଼ିଶାରେ ବିଜେଡି, ବିଜେପି ମଧ୍ୟରେ ମେଣ୍ଟ ହେବା ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି । ରାଜ୍ୟର ମୋଟ ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ବିଜେଡି–ବିଜେପି ଏକାକୀ ଲଢିବେ ବୋଲି ଆଜି ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି । ପ୍ରଥମେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୋସିଆଲ୍ ମିଡିଆରେ ମେଣ୍ଟ ହେବ ନାହିଁ ବୋଲି ସ୍ପଷ୍ଟ କଲା ପରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ଦେଇଛନ୍ତି । ଯାହା ଫଳରେ ରାଜ୍ୟ ରାଜନୀତିରେ କିଛିଦିନ ଧରି ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଛି ।

ପ୍ରଣବ ପ୍ରକାଶ ଦାସ ସୋସିଆଲ ମିଡିଆ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଆସ୍ଥା ବଳରେ ବିଜେଡି ରାଜ୍ୟରେ ସେବା କରିବା ସବୁ କ୍ଷେତ୍ରରେ ବ୍ୟାପକ ରୂପାନ୍ତରିଣ ଆଣିଛି । ଏଥର ବିଜେଡି ସମସ୍ତ ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀ ଓ ୨୧ ଲୋକସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଓଡିଶାବାସୀଙ୍କ ସମର୍ଥନ ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତିନି–ଚତୁର୍ଥାଂଶରୁ ଅଧିକ ଆସନରେ ବିଜୟୀ ହେବ । ରାଷ୍ଟ୍ର ଗଠନ ପାଇଁ ସହକାରୀ ସଂଘବାଦ ଓ ରାଷ୍ଟ୍ରନୀତିଜ୍ଞତା ମନୋଭାବ ସହ ଓଡ଼ିଶାବାସୀଙ୍କୁ ସବୁବେଳେ ଆଗ ଧାଡିରେ ରଖି ସେମାନଙ୍କ କଲ୍ୟାଣ ଲାଗି ବିଜେଡି ନିଷ୍ପତ୍ତି ନେବ । ନୂତନ ଓ ସଶକ୍ତ ଓଡ଼ିଶା ଆମର ଲକ୍ଷ୍ୟ (୯ ପୃଷ୍ଠାରେ)

# ଆରପାରିରେ ଦାମୋଦର ରାଉତ

ଭୁବନେଶ୍ୱର, ୨୨।୩ (ସବ୍ୟୁ): ବିଜେଡିର ବରିଷ୍ଠ ନେତା ଡାକ୍ତର ଦାମୋଦର ରାଉତଙ୍କର ଶୁକ୍ରବାର ଭୋର ୫ଟା ୨୩ରେ ପରଲୋକ ହୋଇଛି । ୮୩ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଡା. ରାଉତଙ୍କ ପରଲୋକରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି । ଶେଷ ସମୟରେ ନିକଟରେ ଥିଲେ ଝିଅ ପ୍ରତିନନ୍ଦା ରାଉତରାୟ ଓ ପୁଅ ତଥା ବିଧାୟକ ସମ୍ବିତ ରାଉତରାୟ ।

ବିଧାନସଭାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଶଙ୍ଖ ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଦାମ ରାଉତଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି (୯ ପୃଷ୍ଠାରେ)





- ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ
- ଶଙ୍ଖ ଭବନ, ପାରାଦୀପ, ଏରସମା ଗଲା ମରଶରୀର
- ବିଧାନସଭାରେ ଦିଆଗଲା ଗାର୍ଡ ଅଫ୍ ଅନର
- ଶଙ୍ଖ ଭବନରେ ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ, ୫–ଟି ଅଧ୍ୟକ୍ଷ
- ପୁରୀ ସ୍ୱର୍ଗଦ୍ୱାରରେ ହେଲା ଶେଷକୃତ୍ୟ ସମ୍ପନ୍ନ

# ବାଜିଲା ଆଇପିଏଲ୍ ବିଗୁଲ



ଚେନ୍ନାଇ,୨୨।୩(ଏଜେନ୍ସି): ବିଶ୍ୱର ସର୍ବାଧିକ ଲୋକପ୍ରିୟ ଟି–୨୦ କ୍ରିକେଟ୍ ଆଇପିଏଲ ୧୭ତମ ସଂସ୍କରଣ ବିଗୁଲ ବାଜିଛି । ଶୁକ୍ରବାର ସନ୍ଧ୍ୟାରେ ଚେନ୍ନାଇ ଚିପକ ସ୍ଥିତ ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ୍ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝଲସି ଥିଲା । ବହୁ ଖ୍ୟାତନାମା କ୍ରିକେଟ୍‌ରଙ୍କ ଉପସ୍ଥିତି ସାଙ୍ଗକୁ ବିଶିଷ୍ଟ ସଂଗୀତକାର , ବଲିଉଡ ଅଭିନେତା ଅଭିନେତ୍ରୀଙ୍କ ମନମତାଣିଆ କାର୍ଯ୍ୟକ୍ରମ ତଥା ଆଖି ଝଲସା ଆତସବାଜିରେ ଆଇପିଏଲ୍‌କୁ ସ୍ୱାଗତ କରାଯାଇଛି । ଏଆର୍ ରେହମାନଙ୍କ 'ଜୟ ହୋ' ଗୀତରେ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ଝୁମି ଥିଲେ । ଲୋକପ୍ରିୟ ଗୀତ ଜୟ ଜୟ ଶିବ ଶଙ୍କରରେ ଉଚ୍ଚକୋଟୀର ନୃତ୍ୟ ପରିବେଶଣ କରିଥିଲେ ଟାଇଗରସର୍ଫ । ସେହିଭଳି ଦେଶୀ ବଏ ଗୀତରେ ଅକ୍ଷୟ କୁମାର ନୃତ୍ୟ ପରିବେଷଣ କରି ମନମୋହିଥିଲେ । ଅକ୍ଷୟ ଓ ଟାଇଗରଙ୍କ ଏଣ୍ଟ୍ରି ଖୁବ୍ ଦମଦାର ଥିଲା । ଦୁହେଁ ଏକ ବାଇକ୍‌ରେ ଗ୍ରାଉଣ୍ଡକୁ ପ୍ରବେଶ କରିଥିଲେ । ଏକାସାଙ୍ଗରେ (୯ ପୃଷ୍ଠାରେ)

## କଂଗ୍ରେସକୁ ମିଳିଲାନି ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୨।୩ : ଆୟକର ବିଭାଗ ପକ୍ଷରୁ କଂଗ୍ରେସର ଆକାଉଣ୍ଟ ଅଚଳ ନେଇ ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଛନ୍ତି । ଜଷ୍ଟିସ୍ ୟଶୱନ୍ତ ବର୍ମା, ପି କୁମାର କୌରଭ ଏହି ଆବେଦନକୁ ଖାରଜ କଲେ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି । ହାଇକୋର୍ଟ ପକ୍ଷରୁ ମାର୍ଚ୍ଚ୨୦ରେ ଏହି ଯାଚିକାର (୯ ପୃଷ୍ଠାରେ)

## ଖଣି, ଇନ୍‌ଫ୍ରା କମ୍ପାନୀ ଦେଇଛନ୍ତି ବିଜେପିକୁ ସର୍ବାଧିକ ଚାନ୍ଦା

ନୂଆଦିଲ୍ଲୀ, ୨୨।୩ : ଭିତ୍ତିଭୂମି ନିର୍ମାଣ କମ୍ପାନୀ, ଖଣି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ଓ ଟେଲିକମ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀମାନେ ବିଜେପି ସର୍ବାଧିକ ଚାନ୍ଦା ଦେଇଛନ୍ତି । ନିର୍ବଚନୀ ବଣ୍ଡ୍ ତଥ୍ୟରୁ ଏହା ଜଣାପଡ଼ିଛି । ୨୦୧୯ ଏପ୍ରିଲରୁ ୨୦୨୪ ଜାନୁଆରୀରେ ବିଜେପିକୁ ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ୫୫୯୪ କୋଟି ଟଙ୍କା ମିଳିଛି । ବିଜେପି ୩ଗୁଣ ଅଧିକ ପାଇଥିଲା ବେଳେ ତୃଣମୂଳ କଂଗ୍ରେସ ତା'ର ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ଠାରୁ ୪ଗୁଣ ଅଧିକ ଅର୍ଥ ପାଇଛି । ସେହିଭଳି ତେଲେଙ୍ଗାନାର ପୂର୍ବ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ (୯ ପୃଷ୍ଠାରେ)

# ବିଜେଡିରୁ ଭର୍ତ୍ତୃହରିଙ୍କ ଇସ୍ତଫା




କଟକ, ୨୨।୩ (ସବ୍ୟୁ) : ବିଜେଡ଼ି ରୁ ଇସ୍ତଫା ଦେଲେ କଟକ ସାଂସଦ ଭର୍ତ୍ତୃହରି ମହତାବ । ଏ ନେଇ ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି । ନିଜ ଇସ୍ତଫା ପତ୍ର ସେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ (୯ ପୃଷ୍ଠାରେ)

## ଟିକେଟ, ପଦବୀ ଲୋଭରେ ବିଜେପିକୁ ଯାଉଛନ୍ତି



ଭୁବନେଶ୍ୱର, ୨୨।୩ (ସବ୍ୟୁ) : ଟିକେଟ ଓ ପଦବୀ ଲୋଭରେ ବିଜେପିକୁ ଯାଉଛନ୍ତି ଭର୍ତ୍ତୃହରି ମହତାବ ବୋଲି ବିଜେଡି ସାଧାରଣ ସମ୍ପାଦକ ପ୍ରତାପ ଜେନା କହିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଛନ୍ତି ଯେ ଭର୍ତ୍ତୃହରି ମହତାବଙ୍କୁ ୬ ଥର ବିଜେଡି ଦଳରୁ ସାଂସଦ ଟିକେଟ ଦିଆଯାଇ ଦିଲ୍ଲୀ ପଠାଯାଇଥିଲା । ୨୦୧୪ ଓ ୨୦୧୯ରେ ଶେଷ ମୁହୂର୍ତ୍ତରେ ଟିକେଟ ଦିଆଯାଇଥିଲା । କାରଣ ତାଙ୍କ ସ୍ଥିତି କଟକରେ ଭଲ ନଥିଲା । ସେ ଦିନକୁ ଦିନ ଲୋକଙ୍କ ଠାରୁ ଦୂରେଇ ଯାଇଥିଲେ । ସେ ଜାଣିସାରିଥିଲେ ଯେ ଏଥର ସେ ଟିକେଟ (୯ ପୃଷ୍ଠାରେ)

# ୬ ଦିନ ରିମାଣ୍ଡରେ କେଜରିୱାଲ



ନୂଆଦିଲ୍ଲୀ, ୨୨।୩ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରୀୱାଲଙ୍କୁ ଇଡି ୬ ଦିନିଆ ରିମାଣ୍ଡରେ ନେଇଛି । ସେ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଇଡି ହେପାଜତରେ ରହିବେ । ମଦନୀତି ମାମଲାରେ ଗତକାଲି ତାଙ୍କୁ ଇଡି ଗିରଫ କରିଥିଲା । ଦିଲ୍ଲୀର ରାଉସ୍ ଆଭିନ୍ୟୁ କୋର୍ଟ ଏବେ ଇଡିର ଆବେଦନକୁ ଶୁଣାଣି କରି ୬ ଦିନ ଲାଗି ରିମାଣ୍ଡକୁ ପଠାଯାଇଛି । ମାର୍ଚ୍ଚ ୨୮ ଅପରାହ୍ନ ୨ଟାରେ ତାଙ୍କୁ ପୁନର୍ବାର କୋର୍ଟରେ ହାଜର କରାଯିବ । ଗିରଫ ନେଇ ଅରବିନ୍ଦ କେଜରୀୱାଲ ଆଜି ମୁହଁ ଖୋଲିଛନ୍ତି । ସେ କହିଛନ୍ତି ଯେ ମୋ ଜୀବନଟା ରାଷ୍ଟ୍ର ପାଇଁ ଉତ୍ସର୍ଗ ।

## ମୋ ଜୀବନ ରାଷ୍ଟ୍ର ଲାଗି ଉତ୍ସର୍ଗ

ସୁପ୍ରିମ୍‌କୋର୍ଟରେ କେଜରୀୱାଲ ତାଙ୍କ ଗିରଫଦାରୀ ବିରୋଧରେ ଆବେଦନ କରିଥିବା ଯାଚିକାକୁ ଉଠାଇ ଆଣିଛନ୍ତି । ଆଜି ରିମାଣ୍ଡ ଶୁଣାଣି ବେଳେ ଇଡି ପକ୍ଷରୁ କୁହାଯାଇଥିଲା ଯେ କେଜରୀୱାଲ କୋଟି କୋଟି ଟଙ୍କା ସାଉଥ୍ ଗ୍ରୁପ୍ ଠାରୁ କିକ୍‌ବ୍ୟାକ୍ ଆକାରରେ ନେଇଛନ୍ତି । ଦିଲ୍ଲୀ ଅବକାରୀ ନୀତିକୁ କାର୍ଯ୍ୟକାରୀ କରାଇବା ପାଇଁ ଏହି ଟଙ୍କା ନେଇଥିଲେ । ସାଉଥ୍‌ଗ୍ରୁପ୍ ଠାରୁ ଗୋଆ ନିର୍ବାଚନ ଲାଗି ସେ ୧୦୦ କୋଟି ଟଙ୍କା ଦାବି କରିଥିଲେ ବୋଲି ଅତିରିକ୍ତ ସଲିସେଟର ଜେନେରାଲ ଏସ୍‌ଭି ରାଜୁ କହିଛନ୍ତି । ରାଜୁ ମଧ୍ୟ କହିଛନ୍ତି ଯେ ସେଥିରୁ ୪୫ କୋଟି ଟଙ୍କା ୪ ହାୱାଲା ଦ୍ୱାରା ମିଳିଛି ଓ ଏହା ଗୋଆ ନିର୍ବାଚନରେ ଖର୍ଚ୍ଚ ହୋଇଛି । ଅରବିନ୍ଦ କେଜରୀୱାଲଙ୍କ ପକ୍ଷରୁ ପକ୍ଷ ରଖି ବରିଷ୍ଠ ଆଇନ୍‌ଜୀବୀ ଅଭିଷେକ୍ ମନୁ ସିଂଭି କହିଥିଲେ ଯେ ତଦନ୍ତକାରୀ ସଂସ୍ଥା କେଉଁଥି ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିଛନ୍ତି ସେନେଇ ଦେଖାଇବା ଆବଶ୍ୟକ । ସିଂଭି କହିଥିଲେ ଯେ ଗିରଫ କରିବାର କ୍ଷମତା ଓ ଗିରଫ କରିବାର ଆବଶ୍ୟକତା ଦୁଇଟି ଭିନ୍ନ ଜିନିଷ । ସ୍ୱାଧୀନତାର ୭୫ ବର୍ଷ ଇତିହାସରେ ପଦବୀରେ ଥିବା ଏକ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇନାହିଁ । ପ୍ରଥମ ଥର ପାଇଁ ଗୋଟିଏ ଦଳର ମୁଖ୍ୟମନ୍ତ୍ରୀଙ୍କ ସହ ୪ ନେତା ଗିରଫ ହୋଇଛନ୍ତି । ଭୋଟ୍ ପଡିବା ପୂର୍ବରୁ ଫଳ ଘୋଷଣା ଭଳି ଏହା (୯ ପୃଷ୍ଠାରେ)

KISS
KALINGA INSTITUTE OF SOCIAL SCIENCES

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ (କିସ୍)
କିସ୍ ଏକ ବିଦ୍ୟାଳୟ- ଏକ ମହାବିଦ୍ୟାଳୟ- ଏକ ବିଶ୍ୱବିଦ୍ୟାଳୟ
(Established U/S 3 of UGC Act, 1956) Bhubaneswar-751024, Odisha, India
Organization in Special Consultative Status with the Economic and Social Council- ECOSOC since 2015)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍) ବିଶ୍ୱର ପ୍ରଥମ ଜନଜାତି ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ଆବାସିକ ଓ ସମ୍ପୂର୍ଣ୍ଣ ନିଃଶୁଳ୍କ। ୨୦୧୭ରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ବିଶ୍ୱବିଦ୍ୟାଳୟ ମାନ୍ୟତା ହାସଲ। ଆରମ୍ଭରୁ କିସ୍ ବିଶ୍ୱବିଦ୍ୟାଳୟ ଶିକ୍ଷା, ଗବେଷଣା ଓ ଅନନ୍ୟ ତଥା ଉଦୀୟମାନ ଜନଜାତୀୟ ଅଧ୍ୟୟନ ସମ୍ପର୍କିତ ଜ୍ଞାନ କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। ୪୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନରତ ଓ ୪୦ ହଜାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ।

କିସ୍ ବିଶ୍ୱବିଦ୍ୟାଳୟକୁ
NAAC (ନାକ୍)ର




ମାନ୍ୟତା
ପ୍ରଥମ ଥର ପାଇଁ ମିଳିଲା

କିସ୍ ହେଉଛି କିଟ୍ ଶିକ୍ଷାନୁଷ୍ଠାନ ସମୂହ, ଭୁବନେଶ୍ୱରର ଏକ ସହଯୋଗୀ ଅନୁଷ୍ଠାନ

Regd. Office: KISS Campus, P.O.: KIIT, Bhubaneswar -751024, Odisha, INDIA
Phone No.: +91 674 - 2741671, 6010001, 2740326, Fax No.: +91 674-2743271
info@kiss.ac.in www.kiss.ac.in /kissfoundation
/achyutasamanta.com /dr.achyutasamanta
/AchyutaSamanta /achyuta_samanta